# ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୬୩ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୨ ତାରିଖ: ୦୭.୦୮.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୧.୦୮.୨୦୨୬ ରୁ ୦୭.୦୮.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ | ୦୧ | ୦୨ | ୦୩ | ୦୪ | ୦୫ | ୦୬ | ୦୭ |
| 32 | 33 | 33 | 34 | 34 | 33 | 33 | 24 | 23 | 24 | 23 | 23 | 23 | 23 | 0 | 4 | 1 | 32 | 12 | 13 | 34 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୦୮-୦୮-୨୦୨୬ | ୦୯-୦୮-୨୦୨୬ | ୧୦-୦୮-୨୦୨୬ | ୧୧-୦୮-୨୦୨୬ | ୧୨-୦୮-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 32 | 38 | 19 | 15 | 11 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 32 | 32 | 33 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 24 | 24 | 24 |
| ମେଘ ଆବରଣ(ଓକଟା) | 8 | 7 | 6 | 5 | 7 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 93 | 93 | 90 | 90 | 91 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 76 | 72 | 68 | 64 | 65 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 8 | 9 | 13 | 12 | 12 |
| ପବନର ଦିଗ (ଡିଗ୍ରୀ) | 242 | 261 | 260 | 258 | 256 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ଜିଲ୍ଲାର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ରୁ ମଧ୍ୟମ ବର୍ଷା ହେବାର ଏବଂ ଏହି ସମୟ ଅବଧିରେ ଆକାଶ ପୂର୍ଣ୍ଣତଃ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ଦିନଗୁଡ଼ିକରେ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୮ ରୁ ୧୩ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

**ଚେତାବନୀ:** ଆଗାମୀ ସପ୍ତାହର ଦୁଇ ଦିନ ମଧ୍ୟରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ସହିତ ଘଡ଼ଘଡ଼ି ବିଜୁଳି ଏବଂ ଘଣ୍ଟା ପ୍ରତି ୩୦ ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଅଛି ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଭାଗର ବିସ୍ତାରିତ ପରିସର ପୂର୍ବାନୁମାନ ଅନୁଯାୟୀ, ପରବର୍ତ୍ତୀ ସପ୍ତାହରେ (୧୨-୦୮-୨୦୨୬ ରୁ ୧୮-୦୮-୨୦୨୬ ପର୍ଯ୍ୟନ୍ତ ବୈଧ) ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ ବୋଲି ଆଶା କରାଯାଉଛି ।
- ଆସନ୍ତା ଦୁଇ ଦିନ ମଧ୍ୟରେ କେତେକ ସ୍ଥାନରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ସହିତ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ, ଘଡ଼ଘଡ଼ି ଓ ଅଧିକ ବେଗରେ ପବନ ବହିବାର ସମ୍ଭାବନା ରହିଅଛି । ତେଣୁ ଚାଷୀଭାଇମାନଙ୍କୁ କିଛି ଦିନ କୃଷି କାର୍ଯ୍ୟ ସ୍ଥଗିତ ରଖି ପାଣିପାଗ ସ୍ୱାଭାବିକ ହେବା ପରେ କ୍ଷେତରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଉଛି ।
- ପ୍ରଚଳିତ ପାଗର ସ୍ଥିତି (ନିରନ୍ତର ମେଘୁଆ ଏବଂ ବର୍ଷା ପାଗ) ଯୋଗୁଁ, ଫସଲ ଏବଂ ପଶୁ ଉଭୟରେ ବିଭିନ୍ନ ରୋଗ ଆକ୍ରମଣର ଲକ୍ଷଣ ଦେଖାଯାଇପାରେ, ତେଣୁ ଚାଷୀମାନଙ୍କୁ ଏହି ଆକ୍ରମଣ ବିରୁଦ୍ଧରେ ନିୟମିତ ଭାବରେ ସେମାନଙ୍କର କ୍ଷେତ ଏବଂ ପଶୁଶାଳାର ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।

- କୃଷକଭାଇମାନେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଏବଂ କୃଷି ପାଣିପାଗ ପରାମର୍ଶ ସମ୍ପର୍କରେ ସଦା ଅବଗତ ରୁହନ୍ତୁ । ଫସଲ ଓ ପଶୁପାଳନ ସମ୍ବନ୍ଧୀୟ ସମସ୍ତ କୃଷି କାର୍ଯ୍ୟ ସଦ୍ୟ ପ୍ରସାରିତ ପାଣିପାଗ ସୂଚନା ଅନୁଯାୟୀ କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ଆସନ୍ତା ଦୁଇ ଦିନ ମଧ୍ୟରେ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଚାଷ ଜମିରୁ ଅତିରିକ୍ତ ବର୍ଷାଜଳର ନିଷ୍କାସନ ପାଇଁ ସଠିକ୍ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ରୋପଣ/ ଅଙ୍ଗିୟ ଅବସ୍ଥା | • ପୂର୍ବ ବର୍ଷା ସ୍ଥିତିକୁ ଦୃଷ୍ଟିରେ ରଖି, ଯେଉଁ ଚାଷୀମାନେ ଏପର୍ଯ୍ୟନ୍ତ ଚାରାରୋପଣ ଆରମ୍ଭ କରିନାହାଁନ୍ତି, ସେମାନଙ୍କୁ ଅତିରିକ୍ତ ପାଣି କ୍ଷେତକୁ ବାହାର କରି ରୋପଣ ହେତୁ କ୍ଷେତ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି (ମୁଖ୍ୟ କ୍ଷେତ ପ୍ରସ୍ତୁତି ପାଇଁ କେବଳ ପର୍ଯ୍ୟାପ୍ତ ପାଣି ରଖନ୍ତୁ)।<br>• ଚାଷୀଭାଇମାନେ ମାଟିରୁ ପର୍ଯ୍ୟାପ୍ତ ଭାବରେ ଜଳ ନିଷ୍କାସନ ହେବା ପରେ ହିଁ ଔଷଧର ସିଞ୍ଚନ କାର୍ଯ୍ୟ ସଫା ପାଗକୁ ଦେଖି କରିବା ଉଚିତ ।<br>• ଧାନ କ୍ଷେତରେ ମହିଷା ରୋଗ, ପତ୍ରଚ୍ଛାଦ ପୋଡା ରୋଗ, କାଣ୍ଡ ବିନ୍ଧା ଏବଂ ଲେଡା ପୋକ ଆକ୍ରମଣର ପ୍ରାଦୁର୍ଭାବ ଉପରେ ନଜର ରଖନ୍ତୁ ।<br>• ଅଙ୍ଗିୟ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ଚିନାବାଦାମ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଚିନାବାଦାମ ଫସଲରେ ପାଣି ଜମି ରହିବା କ୍ଷତିକାରକ ହୋଇଥିବାରୁ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।<br>• କ୍ଷେତରୁ ପାଣି ଭଲ ଭାବରେ ନିଷ୍କାସିତ ହେବା ପରେ ଘାସ ସଫା, କୋଡ଼ାଖୋଳା ଓ ମାଟି ଚଢ଼ାଇବା ଭଳି ଅନ୍ତଃଚାଷ କାର୍ଯ୍ୟ କରନ୍ତୁ । ଘାସ ସଫା ପରେ ଗଛ ମୂଳରେ ମାଟି ଚଢ଼ାଇଲେ ଓହଳ ମାଟି ଭିତରକୁ ସହଜରେ ପ୍ରବେଶ କରି ଫଳ ବିକାଶରେ ସାହାଯ୍ୟ କରେ ।<br>• ବୁଣିବା ସମୟରେ ଜିପ୍ସମ୍ ପ୍ରୟୋଗ କରିନଥିଲେ, ଫସଲର ପୂର୍ଣ୍ଣ ଫୁଲ ଅବସ୍ଥାରେ ଜିପ୍ସମ୍ ପ୍ରୟୋଗ କରନ୍ତୁ, ଯାହା ଫଳର ବିକାସ ଏବଂ କ୍ୟାଲସିୟମ୍ ଯୋଗାଣରେ ସାହାଯ୍ୟ କରେ । କିନ୍ତୁ ବର୍ତ୍ତମାନର ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ପାଗ ସ୍ୱଚ୍ଛ ହେବା ପର୍ଯ୍ୟନ୍ତ ସାର ଓ କୀଟନାଶକ ପ୍ରୟୋଗକୁ ସ୍ଥଗିତ ରଖନ୍ତୁ ।<br>• ନିୟମିତ ଭାବରେ ଫସଲକୁ ପତ୍ର ସୁଡ଼ଙ୍ଗ କୀଟ, ଜଉ ପୋକ, ଉକୁଣିଆ ପୋକର ଆକ୍ରମଣ ଏବଂ ପତ୍ର ଦାଗ ରୋଗ, କଲାର ରଟ୍ ଇତ୍ୟାଦି ରୋଗର ସଂକ୍ରମଣ ପ୍ରତି (ବିଶେଷକରି କ୍ରମାଗତ ବର୍ଷା ଓ ଆର୍ଦ୍ର ପରିସ୍ଥିତିରେ) ନଜର ରଖନ୍ତୁ। ଆକ୍ରାନ୍ତ କିମ୍ବା କ୍ଷତିଗ୍ରସ୍ତ ଗଛ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ, ଯାହାଦ୍ୱାରା କୀଟ ଓ ରୋଗର ବିସ୍ତାରକୁ ରୋକାଯାଇପାରିବ । |
| ଆମ୍ବ | ନୂତନ ଗଛ ଲଗାହୋଇଥିବା ବଗିଚା | • ଚାଷୀଭାଇମାନଙ୍କୁ ନୂତନ ଭାବରେ ଲଗାଯାଇଥିବା ଆମ୍ବ ବଗିଚାରେ ପାଣି ଜମିବା ଏବଂ ମୂଳ ପଚିବାକୁ ରୋକିବା ପାଇଁ ଜଳ ନିଷ୍କାସନକୁ ପ୍ରାଥମିକତା ଦେବାକୁ ପରାମର୍ଶ ଦିଆଯାଇଅଛି ।<br>• ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଆମ୍ବ ଗଛ ପାଇଁ ପର୍ଯ୍ୟାପ୍ତ ଜଳ ନିଷ୍କାସନ ପରେ ପୁନଃରୋପଣ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ମାଟିରେ ଅଧିକ ଆର୍ଦ୍ରତା ଯୋଗୁଁ କବକଜନିତ ରୋଗ (କଲାର ରଟ୍ କିମ୍ବା ଆନ୍ଥ୍ରାକ୍ନୋଜ୍ ପରି) ଏବଂ ପତ୍ର ଖିଆ ପୋକ ଦେଖାଯିବାର ଆଶଙ୍କା ବୃଦ୍ଧି ପାଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଗଛର ବେସିନ୍ ଚାରିପାଖର ଘାସକୁ ସଫା ରଖନ୍ତୁ କାରଣ ଏହା ପୋଷକ ପାଇଁ ପ୍ରତିଯୋଗିତା କରିଥାଏ ଏବଂ କୀଟପତଙ୍ଗଙ୍କୁ ଆଶ୍ରୟ ଦେଇଥାଏ ।<br>• ପୁଷ୍ଟିକର ପୋଷକ ଧୋଇହେବାକୁ ରୋକିବା ପାଇଁ ମାଟିରୁ ପର୍ଯ୍ୟାପ୍ତ ପରିମାଣର ଜଳ ନିଷ୍କାସନ ନହେବା ପର୍ଯ୍ୟନ୍ତ କୌଣସି ପ୍ରକାରର ରାସାୟନିକ ସାର କିମ୍ବା ଅନ୍ୟ ପୋଷକ ପ୍ରୟୋଗ କରନ୍ତୁ ନାହିଁ । |
| କାକୁଡ଼ି | ଫୁଲ ଓ ଫଳ ଅବସ୍ଥା | • କାକୁଡ଼ି କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ସମ୍ଭବ ହେଲେ କାକୁଡ଼ି ଲତାକୁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ, ଯାହାଫଳରେ ଫଳ ମାଟି ସଂସ୍ପର୍ଶରେ ନ ଆସିବ ଏବଂ ରୋଗର ପ୍ରାଦୁର୍ଭାବ କମିଯିବ ।<br>• କାକୁଡ଼ି ଫସଲରେ ନିୟମିତ ଭାବରେ ଫଳମାଛି ପୋକର ଆକ୍ରମଣ ଉପରେ ନଜର ରଖନ୍ତୁ । |

| | | |
|---|---|---|
| | | • ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• କ୍ରମାଗତ ମେଘୁଆ ଓ ବର୍ଷା ପାଗ ଯୋଗୁଁ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ), ଆନ୍ଥ୍ରାକ୍ନୋଜ୍ ଏବଂ ଫଳ ପଚା ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନିୟମିତ ନଜର ରଖନ୍ତୁ । |
| ଭେଣ୍ଡି | ଫୁଲ ଓ ଫଳ ଅବସ୍ଥା | • ପ୍ରଚଳିତ ବର୍ଷା ସ୍ଥିତିକୁ ଧ୍ୟାନରେ ରଖି ଭେଣ୍ଡି ଗଛ ମୂଳରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ଓ ଏହାକୁ ତୁରନ୍ତ ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ।<br>• ଭେଣ୍ଡି ଫସଲରେ ରସ ଶୋଷକ ପୋକ ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ। ପୋକ ଆକ୍ରାନ୍ତ କାଣ୍ଡ ଓ ଫଳଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ, ଯାହାଦ୍ୱାରା ପୋକର ବଂଶବୃଦ୍ଧି ହ୍ରାସ ପାଇବ । |
| ପଶୁ ପାଳନ | • ଫାଟୁଆ ରୋଗ, ରକ୍ତସ୍ରାବ, ସାହାଣ ରୋଗ, ତଡ଼ା ରୋଗ (ମାଂସପେଶୀ ଫୁଲିବା ଓ ତାତି ହେବା) ଏବଂ ଟିଟାନସର ଲକ୍ଷଣ ପ୍ରତି ସତର୍କ ରୁହନ୍ତୁ; ତୁରନ୍ତ ଟୀକାକରଣ ପାଇଁ ନିକଟସ୍ଥ ପଶୁଚିକିତ୍ସକଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଟୀକାକରଣ ପୂର୍ବରୁ କୃମିନାଶକ ଔଷଧ ନିଶ୍ଚୟ ଖୁଆନ୍ତୁ ।<br>• ପଶୁ ଗୁହାଳକୁ ସର୍ବଦା ଶୁଖିଲା ରଖନ୍ତୁ, ଏହି ରୋଗଗୁଡ଼ିକର ସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ଜୀବାଣୁନାଶକ ପ୍ରୟୋଗ କରନ୍ତୁ । ପଶୁ ଗୁହାଳର ଚାରିପାଖରୁ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।<br>• ପାକସ୍ଥଳୀ ସଂକ୍ରମଣ ଏବଂ ଡାଇରିଆରୁ ପଶୁମାନଙ୍କୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଦୂଷିତ ବର୍ଷା ପାଣି ପିଇବାରୁ ରୋକନ୍ତୁ ତେଣୁ ବର୍ଷାର ସତର୍କତା ଅବଧି ସମୟରେ ସେମାନଙ୍କୁ ବାହାରକୁ ଚରିବା ପାଇଁ ନ ଛାଡ଼ି ଗୁହାଳରେ ସୁରକ୍ଷିତ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ଏବଂ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରନ୍ତୁ । | |
| ଛେଳି | • ଛେଳିମାନଙ୍କୁ ସଫା, ଶୁଖିଲା ଏବଂ ଭଲ ବାୟୁ ଚଳାଚଳ ହେଉଥିବା ଗୁହାଳରେ ରଖନ୍ତୁ । ଗୁହାଳ ଭିତରକୁ ବର୍ଷା ପାଣି ପଶିବାକୁ ତଥା ଗୁହାଳ ଚାରିପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ।<br>• ବର୍ଷା ଋତୁରେ ଅନ୍ତଃପରଜୀବୀ (କୃମି) ସଂକ୍ରମଣର ସମ୍ଭାବନା ବଢ଼ିବାର ଦେଖାଦେଇପାରେ ତେଣୁ ପଶୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଛେଳିମାନଙ୍କୁ କୃମିନାଶକ ଔଷଧ ଖୁଆନ୍ତୁ ।<br>• ପିପିଆର୍ (PPR), ଏଣ୍ଟେରୋଟୋକ୍ସିମିଆ (ET) ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ରୋଗ ବିରୁଦ୍ଧରେ ସ୍ଥାନୀୟ ପଶୁ ଚିକିତ୍ସା ବିଭାଗର ପରାମର୍ଶ ଅନୁଯାୟୀ ଛେଳିମାନଙ୍କୁ ଟିକାକରଣ କରାନ୍ତୁ ।<br>• ଛେଳିମାନଙ୍କଠାରେ ଝାଡ଼ା, ନିମୋନିଆ, ଖୁର ପଚା ରୋଗ, ଜ୍ୱର କିମ୍ବା ପରଜୀବୀ ସଂକ୍ରମଣର ଲକ୍ଷଣ ଦେଖାଦେଲେ ତୁରନ୍ତ ଅସୁସ୍ଥ ଛେଳିକୁ ଅଲଗା ରଖନ୍ତୁ ଏବଂ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।